# ପିକ୍‌ନିକ୍ ପାର୍ଟି ବସ୍‌ରେ ଯାଇ ଖଣିରେ ଚଢ଼ାଉ

## ନିହଲ ପ୍ରସାଦ ଅଞ୍ଚଳରୁ ୨୦ ଭାରିଯାନ ଜବତ, ୩୦ରୁ ଊର୍ଦ୍ଧ୍ୱ ଅଟକ



ନିହଲପ୍ରସାଦ ଅଞ୍ଚଳରେ ବେଆଇନ ଖଣିରେ ଚଢ଼ାଉ ଓ ଜବତ ଗାଡ଼ି।

ଢେଙ୍କାନାଳ,୩୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲ ପ୍ରସାଦ ଥାନା ଅଞ୍ଚଳରେ ଥିବା ବେଆଇନ ଖଣିରେ ସୋମବାର ବିଳମ୍ବିତ ରାତିରେ ବ୍ୟାପକ ପଥର ଚୋରାଚାଲାଣ ଚାଲିଥିବା ବେଳେ ଜିଲା ପ୍ରଶାସନ, ପୋଲିସ ଓ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏକ ବସ୍‌କୁ ପିକ୍‌ନିକ୍ ପାର୍ଟି ବସ୍ ଭଳି ସଜାଇ ଅଧିକାରୀ, ପୋଲିସ ଓ କର୍ମଚାରୀମାନେ ଉକ୍ତ ବସ୍‌ରେ ଯାଇ ଚଢାଉ କରିଥିଲେ। ଚଢାଉ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ଚାଲିଥିଲା। ନିହଲ ପ୍ରସାଦ ଅଞ୍ଚଳରେ ନିଶ୍ଚିନ୍ତା ପାହାଡ଼ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନ ଖଣିଗୁଡ଼ିକରେ ଏପରିକି ୧୪୪ ଧାରା ଜାରି ହୋଇଥିବା ଅଞ୍ଚଳ ଏବଂ ଖଣିରେ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଥିବା ଖବରପାଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ଅଭିନବ ସୋନକର ଏବଂ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢାଉ ହୋଇଥିଲା। ଏପରିକି ଚଢାଉ ସମୟରେ ନିହଲପ୍ରସାଦ ଥାନା ପୋଲିସ କୌଣସି ଟେର ପାଇ ନ ଥିଲା। ଚଢ଼ାଉ ପରେ ଘଟଣା ସ୍ଥଳରୁ ହାଇୱା, ଟିପ୍ପର ଓ ଟ୍ରକ୍ ଆଦିକୁ ମିଶାଇ ୨୦ଟି ଭାରିଯାନକୁ ଜବତ କରାଯାଇଥିବା ବେଳେ ଟ୍ରକ୍‌ଗୁଡିକର ଚାଳକ ଓ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୩୦ରୁ ଊର୍ଦ୍ଧ୍ୱଙ୍କୁ ଅଟକ ରଖି ପୋଲିସ ପକ୍ଷରୁ ତଦନ୍ତ ଚାଲିଛି। ଜବତ ଗାଡ଼ିଗୁଡ଼ିକୁ ଭୁବନ ଥାନା ଅଧୀନରେ ନେଇ ରଖାଯାଇଥିଲା।

ଦୀର୍ଘଦିନ ଧରି ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ବେଆଇନ ଖଣିଗୁଡ଼ିକରେ ଢେଙ୍କାନାଳ ଜିଲା ଏବଂ ପଡ଼ୋଶୀ ଜିଲା ଯାଜପୁର ଅଞ୍ଚଳକୁ ବେଆଇନ ଭାବେ ପଥର ଚୋରାଚାଲାଣ ହେଉଥିଲା। ଚଢ଼ାଉ ପରେ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଜିଲାପାଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ), ଢେଙ୍କାନାଳ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, କିଛିଦିନ ତଳେ ଉକ୍ତ ଅଞ୍ଚଳରୁ ଅଭିଯୋଗ ଆସୁଥିଲା। ଆମେ ଯୋଜନା ପ୍ରସ୍ତୁତ କରି ଜିଲା ପ୍ରଶାସନ, ପୋଲିସ ଓ ବନ ବିଭାଗ ମିଳିତ ଭାବରେ ଚଢ଼ାଉ କରିଥିଲୁ। ଯେଉଁମାନେ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିଲେ ସେମାନଙ୍କୁ ଆଣି ଥାନାରେ ରଖି ପଚରାଉଚରା କରୁଛୁ। ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାଗଜପତ୍ର ତର୍ଜମା କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି, ଚଢ଼ାଉ ସମୟରେ ଆଇନ ଉଲ୍ଲଂଘନ ହୋଇଥିବା ଜଣାପଡିଥିଲା। ଏପରିକି ୧୪୪ଧାରା ଜାରି ହୋଇଥିବା ଅଞ୍ଚଳରେ ମଧ୍ୟ ଆଇନ ଉଲ୍ଲଂଘନ ହୋଇଥିଲା। ଏହି ଚଢ଼ାଉରେ ୯୦ଜଣ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ଘଟଣାକୁ ନେଇ ଏଫ୍‌ଆଇଆର ହେବ। ତଦନ୍ତ ପରେ ସମସ୍ତ ଘଟଣା ସ୍ପଷ୍ଟ ହେବ।

### ବେଆଇନ ଖନନର ମୂଳ ଲୁଟେରାଙ୍କୁ ଗିରଫ କରାଯାଉ

ଢେଙ୍କାନାଳ,୩୧।୧୨(ରତନ ନାୟାର)

ଢେଙ୍କାନାଳ ଓ ଯାଜପୁର ଜିଲା ସୀମାରେ ଢେଙ୍କାନାଳ ଜିଲା ଗଁଦିଆ ତହସିଲ ଅଧିନସ୍ଥ ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚାନ୍ତା ପାହାଡ଼ର ରାଇଗଡ଼ାରୁ ଗତ ୬ମାସ ମଧ୍ୟରେ ୨୦୦ କୋଟି ଟଙ୍କାର କଳା ପଥର ଲୁଟ ହୋଇଛି ବୋଲି ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତିଶ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଯାଜପୁରରେ ଲଢେଇ ଆରମ୍ଭ କରିବା ସହିତ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ କରିବା ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଘଟଣାରେ ହସ୍ତକ୍ଷେପ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ଏହାକୁ ନେଇ ସୋମବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚଢାଉ ହୋଇଥିଲା। କିଛି ପ୍ରଭାବଶାଳୀ ରାଜନେତା ଓ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଥିବାରୁ ଏହାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତିଶଙ୍କ ଅଭିଯୋଗ ଆଧାରରେ ସରକାରଙ୍କ ଅତିରିକ୍ତ ସଚିବ ପତ୍ର ସଂଖ୍ୟା ଡି.ୱାଇ ନଂ–୩୧୦୪, ତା. ୩୧.୦୮.୨୦୨୪ରେ କାର୍ଯ୍ୟାନୁଷ୍ଠାନ ପାଇଁ ଢେଙ୍କାନାଳ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଉପ ନିର୍ଦ୍ଦେଶକ ତୁରାମ ବଲେଇ ମୁଣ୍ଡାଙ୍କ ପତ୍ର ସଂଖ୍ୟା ନଂ–୧୯୦୯, ତା. ୦୭.୧୦.୨୪ ଓ ପତ୍ର ନଂ–୨୦୯୭, ତା. ୨୯.୧୦.୨୪ରେ ଉପ ଖଣି ନିର୍ଦ୍ଦେଶକ ତାଳଚେରଙ୍କୁ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହିପରି ଭାବରେ ସତିଶଙ୍କ ଅଭିଯୋଗକୁ ଆଧାର କରି ଇସ୍ପାତ ଖଣି ବିଭାଗ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ପତ୍ର ଦିଆଯାଇଥିଲା। ସେହିପରି ବେଆଇନ ପଥର ଖନନର ମୂଳ ଲୁଟେରାଙ୍କୁ ଗିରଫ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଥିବା ବେଳେ ଢେଙ୍କାନାଳ–ଯାଜପୁର ସୀମାରେ ଥିବା ତନଖି ଫାଟକ କାହିଁକି କାର୍ଯ୍ୟକ୍ଷମ ହେଉନାହିଁ ତାହାକୁ ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

# ଶ୍ରୀମୁଳା ସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତି ବୈଠକ




ବୈଠକରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୩୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶ୍ରୀମୁଳା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଚିକିତ୍ସାଳୟର ଜନ ଆରୋଗ୍ୟ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବେହେରା, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମୀନାକୁମାରୀ ଦ୍ୱାରୀ, ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ନିଜ ନିଜର ଗଠନମୂଳକ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଆୟୁଷ ଡାକ୍ତର ଫାଲଗୁନୀ ମିଶ୍ରଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ। ଚିକିତ୍ସାଳୟର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ବିଧାୟକ ବୈଠକରେ ମତପ୍ରକାଶ କରିଥିଲେ।

# କ୍ୟାମ୍ପସ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ଶପଥ




ଢେଙ୍କାନାଳ ମହାବିଦ୍ୟାଳୟ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ଅଭିଯାନ।

ଢେଙ୍କାନାଳ,୩୧।୧୨(ରତନ ନାୟାର)

ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ମହାବିଦ୍ୟାଳୟର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବାକୁ 'ପ୍ଲାଷ୍ଟିକମୁକ୍ତ କ୍ୟାମ୍ପସ୍ ଅଭିଯାନ' କାର୍ଯ୍ୟକ୍ରମକୁ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରର୍ବଟ ୱିଲ୍‌ସନ୍ ଭତ୍ରା ଏବଂ ଯୁକ୍ତ ୨ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଦୁସୀ ମଧୁସ୍ମିତାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରି କଲେଜ କ୍ୟାମ୍ପସରେ ସମସ୍ତ ପ୍ଲାଷ୍ଟିକ ପଦାର୍ଥକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବର୍ଷବ୍ୟାପୀ ଜାରିରଖିବା ପାଇଁ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଘୋଷଣା ସହ ଶପଥ କରାଯାଇଥିଲା।

# ୨ ଚୋରା ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ପରଜଙ୍ଗ,୩୧।୧୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ କୁଲେଇ ଗ୍ରାମ ଛକ ନିକଟରୁ ଦୁଇଟି ଚୋରା ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିବା ସହିତ ଉଭୟ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି। କେନ୍ଦୁଝର ଅଞ୍ଚଳରୁ ଲୁହାପଥର ନେଇ ଆସୁଥିବା ଗାଡିଗୁଡିକ ଅନୁଗୋଳ ଅଞ୍ଚଳରେ ଖାଲି କରି ଫେରିଥିବା ବେଳେ କୁଲେଇ ଗ୍ରାମରୁ ଚୋରା ବାଲି ନେଇ ବହୁଳ ଅର୍ଥ ଉପାର୍ଜନ କରାଯାଉଥିବା ପୋଲିସ ପାଖରେ ଖବର ଥିଲା। ରବିବାର ସନ୍ଧ୍ୟାରେ ଉଭୟ ଗାଡ଼ି ବାଲି ବୋଝେଇ କରି ନେଉଥିବା ବେଳେ ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ବାଲି ଉତ୍ତୋଳନର ଟ୍ରାଞ୍ଜିଟ ପାସ ନଥାଇ ବାଲି ଚାଲାଣ ହେଉଥିବା ଜଣାପଡିଛି। ଉଭୟ ହାଇୱା ଗାଡ଼ିକୁ ଜବତ କରି ଫାଣ୍ଡିକୁ ଅଣାଯାଇଛି। ଗାଡି ମାଲିକ ଓ ବାଲି ଯୋଗାଣ କରୁଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇ ଚାଳକ ପାଲଲହଡ଼ା ଥାନା ପୁରୁଣାପାଣି ଗ୍ରାମର ଉଗ୍ରସେନ ନାଏକ(୩୫) ଓ ରିଆମାଳ ଥାନା ତରଙ୍ଗ ଗ୍ରାମର ଶ୍ରୀଧର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଓପିଏସ୍ ମହାବିଦ୍ୟାଳୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଓଡ଼ପଡ଼ା, ୩୧।୧୨ (ରଞ୍ଜିତ ନାୟକ)




ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର କର୍ମଚାରୀ ନିତ୍ୟାନନ୍ଦ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ କର୍ମଚାରୀ ପରିଷଦର ସମ୍ପାଦକ ଅଧ୍ୟାପକ ଡ.ଦେବାନନ୍ଦ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷ ଡ଼. ଶମ୍ଭୁପ୍ରସାଦ ପ୍ରଧାନ ସଭାପତିତ୍ୱ କରିଥିଲେ। ନିଜର କର୍ମମୟ ଜୀବନର ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ସ୍ମୃତିକୁ ମନେପକାଇ ସାହୁ ଭାବବିହ୍ୱଳ ହୋଇଥିଲେ। ପ୍ରତ୍ୟେକ କର୍ମଚାରୀ ମହାବିଦ୍ୟାଳୟକୁ ନିଜର ପରିବାର ମନେକରି ନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ କଲେ ମହାବିଦ୍ୟାଳୟର ବହୁବିଧ ଉନ୍ନତି ହୋଇପାରିବ ବୋଲି କହିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ଅଧ୍ୟାପକ ନୀଳକଣ୍ଠ ଦାସ, ତ୍ରିଲୋଚନ ସାହୁ, ଡ. ଦେବାନନ୍ଦ ଦାସ, ମନୋଜ କୁମାର ରାଉତ, ଡ. ବଳରାମ ପୃଷ୍ଟି, ଡ. ଦୀନନାଥ ଦାସ, ମଙ୍ଗରାଜ ମହାପାତ୍ର, ଅଧ୍ୟାପିକା ନୟନା ବରାଳ, ଦିଲୀପ କୁମାର ପୃଷ୍ଟି, ସରୋଜ କୁମାର ଧଳ ପ୍ରମୁଖ ସାହୁଙ୍କ ଚାକିରି ଜୀବନର ସ୍ମୃତି ଚାରଣ କରିଥିଲେ। ଅଧ୍ୟାପକ ଦେବାନନ୍ଦ ଦାସ ସଂଯୋଜନା କରିଥିଲାବେଳେ ଅଧ୍ୟାପକ ନୀଳକଣ୍ଠ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଦ୍ଦଶ ସପ୍ତଶଯ୍ୟା ଆଧ୍ୟାତ୍ମିକ ମହୋତ୍ସବ



ଢେଙ୍କାନାଳ,୩୧।୧୨(ରତନ ନାୟାର)

ଢେଙ୍କାନାଳ ସପ୍ତଶଯ୍ୟାଠାରେ ଚତୁର୍ଦ୍ଦଶ ସପ୍ତଶଯ୍ୟା ଆଧ୍ୟାତ୍ମିକ ମହୋତ୍ସବ ଗତ ୨୮ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱାମୀ ରାମ ଶରଣାନନ୍ଦଜୀ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୨୮ ତାରିଖରେ ଅଙ୍କୁରାରୋପଣ, ୨୯ ଓ ୩୦ରେ କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଆହୁତୀ କରାଯାଇଥିଲା। ୩୧ ତାରିଖରେ ଆଧ୍ୟାତ୍ମିକ ମହୋତ୍ସବର ଉଦଯାପନୀ ଦିବସରେ ଜ୍ଞାନଯଜ୍ଞ, ସନ୍ଥ ସମ୍ମିଳନୀ ଓ ବିଷ୍ଣୁ ସହସ୍ର ନାମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସନ୍ଥ ସମ୍ମିଳନୀରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ସାଧୁସନ୍ଥମାନେ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ସହର ଯାଉଁଳି ପୋଖରୀ ମଠର ମଠାଧୀଶ ମହନ୍ତ ବ୍ରାହ୍ମାନନ୍ଦ ଦାସଜୀ ମହାରାଜ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଜୀ ମହାରାଜ ଓ ସ୍ୱାମୀ ଶିବ ଚିଦାନନ୍ଦଜୀ ମହାରାଜଙ୍କୁ ସମ୍ମାନିତ କରାଯାଇଥିଲା।

# କାମାକ୍ଷାନଗର ବିଡିଓଙ୍କ ଇସ୍ତଫା

କାମାକ୍ଷାନଗର, ୩୧।୧୨ (ସୁଧୀର ପରିଡା)




ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତିର ଗୋଷ୍ଠି ଉନ୍ନୟନ ଅଧିକାରୀ ଅଭିନାଶ ପାଣ୍ଡିଆଙ୍କ ଇସ୍ତଫା ଆବେଦନକୁ ମଙ୍ଗଳବାର ସରକାର ଗ୍ରହଣ କରିଛନ୍ତି ସେ ଗତ ୨୦୨୩ ଅଗଷ୍ଟ ୩୧ ତାରିଖରେ ଯୋଗଦେଇଥିବା ବେଳେ ଅନେକ ସମୟରେ ବିବାଦରେ ଛନ୍ଦି ହୋଇଥିଲେ। ଗତ ସରକାରରେ ସରକାରୀ ଦଳ ସହ ସଂପୃକ୍ତି ରହି ବିବାଦକୁ ଆସିଥିଲେ। ସରକାର ବଦଳି ଯିବାରୁ ସେ ଭୟଭୀତ ହୋଇ ବ୍ୟକ୍ତିଗତ କାରଣ ଦର୍ଶାଇ ଚାକିରିରୁ ଇସ୍ତଫା ଦେଇଥିବା ଶୁଣିବାକୁ ମିଳୁଛି। ଭୁବନେଶ୍ୱରର ଓଏ ହୋଟଲରୁ ସାମାଜିକ କର୍ମୀ ଦେବୀଦତ୍ତଙ୍କ ମୃତଦେହ ମିଳିବା ଓ ସେ ଏକ ଭିଡିଓ ବାର୍ତ୍ତାରେ ବିଡିଓ ଅବିନାଶ ପାଣ୍ଡିଆଙ୍କୁ ଦାୟୀ କରିବା ତାଙ୍କୁ ଅଧିକ ବିବାଦ ଭିତରକୁ ଟାଣି ଆଣିଥିଲା। ଶେଷରେ ବିଡିଓ ଅବିନାଶ ପାଣ୍ଡିଆଙ୍କ ଇସ୍ତଫା ପତ୍ରକୁ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଚାରକୁ ନେଇ ତାଙ୍କ ଇସ୍ତଫା ଗ୍ରହଣକରି ସମସ୍ତ କାର୍ଯ୍ୟରୁ ଅବ୍ୟାହତ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସରାଙ୍ଗ ନବୋଦୟରେ ପରାମର୍ଶ କର୍ମଶାଳା

ପରଜଙ୍ଗ, ୩୧।୧୨ (ନିଗମାନନ୍ଦ ଦଳବେହେରା)



ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସମୟ ପ୍ରବନ୍ଧନ, ପରୀକ୍ଷା ସମୟରେ ସୁବିଧା ଓ ଅସୁବିଧା, ମାନସିକ ସ୍ଥିରତା ତଥା ଭବିଷ୍ୟତ ବୃତ୍ତି ସମ୍ବନ୍ଧରେ ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ସଦାଶିବ ମହାପାତ୍ର, ସେବାନିବୃତ୍ତ ଅଧ୍ୟକ୍ଷ ରାଜଧାନୀ ମହାବିଦ୍ୟାଳୟର ଭୁବନେଶ୍ୱର, ମୁଖ୍ୟ ଅତିଥି ତଥା ତାଙ୍କ ସ୍ତ୍ରୀ ଡକ୍ଟର ବନଲତା ମହାପାତ୍ର, ସେବାନିବୃତ୍ତ ଅର୍ଥନୀତି ପ୍ରଫେସର, କମଳା ନେହେରୁ ମହାବିଦ୍ୟାଳୟ ଭୁବନେଶର ମୁଖ୍ୟବକ୍ତା ହିସାବରେ ମାର୍ଗଦର୍ଶନ କରିଥିଲେ। ସିବିଏସି ବୋର୍ଡ ପରୀକ୍ଷା ଦେବାକୁ କର୍ମରତ ଦ୍ୱାଦଶ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହିତ କପୋଥକଥନ ସମୟରେ ଧ୍ୟାନ, ମୌନ, ଲିଖନ ମାଧ୍ୟମରେ ତଥା ବାରମ୍ବାର ଅଭ୍ୟାସ ବଳରେ ଅସମ୍ଭବକୁ ସମ୍ଭବ କରିହେବ ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରତିମା ମିଶ୍ର ଅତିଥି ଦ୍ୱୟଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବାଣିଜ୍ୟ ଶିକ୍ଷକ ସମୀର କୁମାର ସିଂହ, କମ୍ପ୍ୟୁଟର ଶିକ୍ଷକ ଧର୍ମେନ୍ଦ୍ର ଓ ଇତିହାସ ଶିକ୍ଷକ ପଞ୍ଚାନନ ଜେନା କର୍ମଶାଳାକୁ ସଞ୍ଚାଳନ କରିଥିଲେ।

# ଅଷ୍ଟଶମ୍ଭୁ କୃଷକ ଜାଗରଣ ମଞ୍ଚ ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ

ପରଜଙ୍ଗ, ୩୧।୧୨ (ନିଗମାନନ୍ଦ ଦଳବେହେରା)



ପରଜଙ୍ଗ ବ୍ଲକ ପିଟିରି, କୁଆଲୋ, କଳଦା, କଙ୍କଡ଼ା ସୋଡା ଓ ଆମ୍ବପଳସ ପାଞ୍ଚଟି ପଞ୍ଚାୟତ ଦେଇ ରେଙ୍ଗାଳି ବାମ କେନାଲ ଯାଇଥିଲେ ମଧ୍ୟ ଏହି ପଞ୍ଚାୟତର ଲୋକମାନେ କୃଷି ପାଇଁ ଜଳସେଚନରୁ ବଞ୍ଚିତ ହେଉଛନ୍ତି। ରେଙ୍ଗାଳି ବାମ କେନାଲ ହେବାର ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ପାଞ୍ଚଟି ପଞ୍ଚାୟତର ଚାଷଜମିକୁ ପାଣି ମାଡ଼ି ପାରି ନଥାଏ। ମୋଟ ରେଙ୍ଗାଳି ବାମ କେନାଲ ଦ୍ୱାରା କୃଷି ପାଇଁ ୫୯୦୪ ହେକ୍ଟର ଜମିରେ ପାଣି ଯୋଗାଇବା କଥା। କିନ୍ତୁ ୩୪୦୦ ହେକ୍ଟର ଜମିକୁ ପାଣି ଯୋଗାଇ ଚୁପ ହୋଇ ବସିଯାଇଛି ସମଲ ଜଳସେଚନ ବିଭାଗ। ପାଣି ଥାଇ ସୁଦ୍ଧା ଆଉ ୨.୫ ହଜାର ହେକ୍ଟର ଜମିକୁ ପାଣି ଉଠାଇବା ବ୍ୟବସ୍ଥା କରାଯାଇନାହିଁ। ବାରମ୍ବାର ଚାଷୀକୁଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ପରବର୍ତ୍ତୀ ସମୟରେ ବ୍ଲକଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା। ଦୀର୍ଘ ୫ବର୍ଷ ପରେ ଓଡ଼ିଶା ସରକାରଙ୍କ ମେଗା ପ୍ରକଳ୍ପ ଯୋଜନାରେ ଏହି ପାଞ୍ଚଟି ପଞ୍ଚାୟତକୁ ଚାଷ ପାଇଁ ଜଳଯୋଗାଣ କରାଯିବ ବୋଲି ମେଗା ଉଠା ଜଳସେଚନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଅଷ୍ଟଶମ୍ଭୁ କୃଷକ ଜାଗରଣ ମଞ୍ଚ ତରଫରୁ ବହୁବାର ଲଢି କାର୍ଯ୍ୟ ଅଣାଯାଇଥିଲେ ମଧ୍ୟ ସେମାନଙ୍କ ସହିତ କୌଣସି ଆଲୋଚନା କରା ନ ଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। କେଉଁ ଆଡେ ପାଣି ଯିବ, କେଉଁଠୁ ଆସିବ ଚାଷୀମାନେ ଅଜ୍ଞ ହୋଇଛନ୍ତି। ଚାଷୀଙ୍କ ଅଗୋଚରରେ ଅଣ ଚାଷୀମାନଙ୍କୁ ନେଇ ଏକ ପଲ୍ଲିସଭା କରାଯାଇଛି ବୋଲି ଚାଷୀମାନେ ମତ ବ୍ୟକ୍ତ କରିଛନ୍ତି। କୃଷକ ଜାଗରଣ ମଞ୍ଚ ତରଫରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିହାରିକା ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେମାନେ ସନ୍ତୋଷ ଜନକ ଉତ୍ତର ପାଇନଥିଲେ, ଯାହାକି ଆଗାମୀ ଦିନରେ ଏକ ବଡ଼ ଧରଣର ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ମଞ୍ଚ ତରଫରୁ ସୂଚନା ମିଳିଛି। ମଙ୍ଗଳବାର ପରମହଂସପୁର ଗ୍ରାମ ଭାଗବତ ଘର ଠାରେ ମଞ୍ଚର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଏକାଠି ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

# କଳାକାରମାନେ ଆଗକୁ ବଢ଼ିବା ପାଇଁ ମଞ୍ଚ ହିଁ ପ୍ରକୃଷ୍ଟ ମାଧ୍ୟମ

### ପ୍ରତିଭା ସମ୍ମାନ ଓ ସ୍ୱାଗତମ୍ -୨୦୨୫ ଉଦ୍‌ଯାପିତ

ଢେଙ୍କାନାଳ,୩୧।୧୨(ରତନ ନାୟାର)




ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ସାହୁଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା ଓ ସୁପ୍ରଭାତର ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ୩ଦିନ ଅନୁଷ୍ଠିତ ହୋଇଥିବା ପ୍ରତିଭା ସମ୍ମାନ ଓ ସ୍ୱାଗତମ୍–୨୦୨୫ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଲେ ଯେ, ଢେଙ୍କାନାଳ ଜିଲାରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି। କଳାକାରମାନଙ୍କୁ ଆଗକୁ ବଢିବା ପାଇଁ ଏଭଳି ମଞ୍ଚ ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ, କୁନିକୁନି ପିଲାମାନେ ଏଭଳି ଉତ୍ସବ ଆୟୋଜନରେ ନିଜର ପ୍ରତିଭାକୁ ବିକଶୀତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା, ଅନୁଷ୍ଠାନର ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ର, ବିଶ୍ୱନାଥ ବେହେରା ପ୍ରମୁଖ ଆସନ୍ତାବର୍ଷ ଅନୁଷ୍ଠାନର ୨୫ବର୍ଷ ପୂର୍ତ୍ତିକୁ ମହା ସମାରୋହରେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ସତ୍ୟସ୍ୱରୁପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ରାଜଶ୍ରୀ ଶତପଥୀ ଆଭିମୁଖ୍ୟ ଓ ପ୍ରତିଷ୍ଠାତା ସଭ୍ୟ ବିନୋଦ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଉପଦେଷ୍ଟା ଅଥୟ ସାହୁ ମଂଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ସେବା ସମ୍ମାନରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ସାହୁ, ଖବରଦାତା ସ୍ୱର୍ଣ୍ଣପ୍ରଭା ସେଠି ଓ ସାରଦା ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଝାଟୁ ସାହୁ ସ୍ମୃତି ସମ୍ମାନରେ ବିଦ୍ୟୁତ କର୍ମଚାରୀ ଶ୍ରୀକାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ଲକ୍ଷ୍ମୀକାନ୍ତ ସାହୁ, ଆଶୁତୋଷ ମହାପାତ୍ର, ସୁଶାନ୍ତ କର, ଦେବକାନ୍ତ ମିଶ୍ର, ଅନନ୍ୟା ପ୍ରିୟଦର୍ଶିନୀ, ସୌରଭ ବିଶ୍ୱାଳ, ଜୟଦେବ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ଅନୁଷ୍ଠିତ ସଙ୍ଗୀତର ଆସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ, ଦିପ୍ତିମୟୀ ଓ ସତ୍ୟସ୍ୱରୁପ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ତାଳଚେର,(ମନୋଜ ନନ୍ଦ): ତାଳଚେର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ତାଳଚେର ଥାନା ଅଙ୍ଗାରୁଆ ଅଞ୍ଚଳରେ ଚଢ଼ାଉ କରାଯାଇ ୪୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହ ସ୍ଥାନୀୟ ବାଘୁଆବୋଲ ଗ୍ରାମର ନନ୍ଦନ ନାଏକଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୨୦୯/୨୪ରେ ଏକ ମାମଲା ରୁଜୁ ହୋଇଛି।

# ରାଜ୍ୟ ସମ୍ମିଳନୀକୁ ସଫଳ କରିବାକୁ ପ୍ରସ୍ତୁତି



ବୈଠକରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ।

ଅନୁଗୋଳ,୩୧।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବ୍ରାହ୍ମଣ ମହାସଂଘ ଆନୁକୂଲ୍ୟରେ ମାଣପୁରଠାରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଲାଛବନ୍ଧ ଓ ଜରାରପୁରର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ମହାସଂଘ ସଭାପତି ବ୍ୟୋମକେଶ ଶତପଥୀ ଓ କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ମହାପାତ୍ର ଉପସ୍ଥିତ ରହି ବ୍ରାହ୍ମଣ ସମାଜର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୧୬ରେ ରାଜ୍ୟ ସମ୍ମିଳନୀ ଓ ୧୭ ତାରିଖରେ ସାମୂହିକ ବ୍ରତୋପନୟନ ବିଷୟରେ ଅବଗତ କରାଇଥିଲେ। ବ୍ରତୋପନୟନ ନିମନ୍ତେ ଇଚ୍ଛୁକ ବାଳକମାନେ ସଭାପତି ଓ ସମ୍ପାଦକଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ ଜଣାଇଥିଲେ। ରାଜ୍ୟ ସମ୍ମିଳନୀରେ ଅଧିକରୁ ଅଧିକ ବ୍ରାହ୍ମଣ ଯୋଗଦେବା ପାଇଁ ମତ ପ୍ରକାଶ ପାଇଥିଲା। ମାଣପୁର ବ୍ରାହ୍ମଣ ସମାଜର ପୂର୍ବଗଠନ ପୂର୍ବକ ପ୍ରମୋଦ କୁମାର କର ସଭାପତି, କୁମୁଦ ଚନ୍ଦ୍ର କର ଉପସଭାପତି, ରଞ୍ଜନ କୁମାର କର ସମ୍ପାଦକ, ଅଭୟ କୁମାର କର ସହ ସମ୍ପାଦକ, ପ୍ରତାପ ରୁଦ୍ର ମିଶ୍ର କୋଷାଧ୍ୟକ୍ଷ, ଯୋଗେଶ୍ୱର କର, ବସନ୍ତ କୁମାର କର, ଦାଶରଥୀ ନନ୍ଦ, ବିନୋଦ କୁମାର କର, ସୁବ୍ରତ ରଞ୍ଜନ ଆଚାର୍ଯ୍ୟ, ସନ୍ତୋଷ କୁମାର କର ପ୍ରମୁଖ ସଭ୍ୟ ଭାବରେ ମନୋନୀତ ହୋଇଥିଲେ। ଜିଲା କର୍ମକର୍ତ୍ତା ଭାବେ ପ୍ରମୋଦ କୁମାର କର, ରଞ୍ଜନ କୁମାର କର, ପତିତପାବନ ଦାଶ, ସନ୍ତୋଷ କୁମାର କର ଓ ଅମୂଲ୍ୟ କୁମାର ଆଚାର୍ଯ୍ୟ ମନୋନୀତ ହୋଇଥିଲେ! ବିଷ୍ଣୁ ପ୍ରସାଦ କର ଓ ରାମଚନ୍ଦ୍ର କର ବେଦପାଠ କରିଥିଲେ। ପତିତପାବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋ ଧକ୍କାରେ ବୃଦ୍ଧ ମୃତ

ତାଳଚେର,୩୧।୧୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ହାଟତୋଟା ସହରରେ ସୋମବାର ଏକ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ଧରମପୁର ଗ୍ରାମର ସାଧୁ ଚରଣ ନାଏକ (୬୨)। ସାଧୁ କୌଣସି କାମରେ ହାଟତୋଟା ବଜାରକୁ ଆସିଥିଲେ। ବଜାରରେ ବାଇକ୍ ରଖି ସେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାଧୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତାଳଚେର ଡାକ୍ତରଖାନାକୁ ପଠାଇଥିଲା। ପରେ ଦୁର୍ଘଟଣା ଘଟାଇଥିବା ଅଟୋ (ନଂ. ଓଡି–୧୯–ଡବ୍ଲ୍ୟୁ–୧୧୮୧)କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ସାଧୁଙ୍କ ପରିବାର ପକ୍ଷରୁ ତାଳଚେର ଥାନାରେ ଅଟୋ ଚାଳକଙ୍କ ବିରୋଧରେ ହତ୍ୟା ଅଭିଯୋଗ କରାଯାଇଥିବା ପୋଲିସ ସୂଚନା ଦେଇଛି।



ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ରଠାରେ ୨୦୨୪ ବର୍ଷର ଶେଷ ଅସ୍ତଗାମୀ ସୂର୍ଯ୍ୟ। (ଫଟୋ– ବୁବୁ)

# ଏନ୍‌ଟିପିସି ତାଳଚେର ଥର୍ମାଲରେ ମକ୍ ଡ୍ରିଲ



ଏନ୍‌ଟିପିସି ତାଳଚେର ଥର୍ମାଲରେ ମକ୍‌ଡ୍ରିଲ୍ କରାଯାଉଛି।

ତାଳଚେର,୩୧।୧୨ (ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟରେ ମଙ୍ଗଳବାର ଏକ ସୁରକ୍ଷା ମକ୍‌ଡ୍ରିଲ କରାଯାଇଛି। ଆପତକାଳୀନ ସ୍ଥିତିରେ କିପରି ସୁରକ୍ଷା ବ୍ୟବସ୍ଥା ସହ ସ୍ଥିତି ନିୟନ୍ତ୍ରଣ କରାଯିବ ତାହା ଏହି ମକ୍‌ଡ୍ରିଲ୍‌ର ଉଦ୍ଦେଶ୍ୟ ଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଉପରେ ଡ୍ରୋନ ଜରିଆରେ ନଜର ରଖାଯାଇଥିଲା। ଏକ ଆପତ୍‌କାଳୀନ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରାଯାଇଥିଲା ସିସିଟିଭି ମନିଟରିଂ ମାଧ୍ୟମରେ କାର୍ଯ୍ୟକଳାପର ଅବସ୍ଥାନ୍ତର ଓ ସମନ୍ୱୟକୁ ନିଶ୍ଚିତ କରାଯାଇଥିଲା। ଏନ୍‌ଟିପିସି ତାଳଚେର ସୁପର ଥର୍ମାଲ, ନାଲ୍‌କୋ, ହେଭି ୱାଟର ବୋର୍ଡ ଓ ତାଳଚେର ଫର୍ଟିଲାଇଜର ଲିମିଟେଡଙ୍କ ସଂଯୁକ୍ତ ସହଭାଗିତା ସହିତ ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ ଓ ସିଆଇଏସ୍‌ଏଫ୍ ସୁରକ୍ଷା ଟିମ ଏଥିରେ ଅଂଶଗ୍ରହଣ କରିଥିଲେ।

# କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଚାଲୁ କରିବାକୁ ଦାବିପତ୍ର

ଅନୁଗୋଳ,୩୧।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଗତ ଦିନରେ ପୌରପାଳିକା ପକ୍ଷରୁ କୁକୁର ବନ୍ଧ୍ୟାକରଣ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଉକ୍ତ କେନ୍ଦ୍ରକୁ ଚାଲୁ କରିବାରେ ବିଳମ୍ବ ହେତୁ କୁକୁରଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ତେଣୁ ଏହି କେନ୍ଦ୍ର ଚାଲୁ କରିବା ପାଇଁ ସାମାଜିକ କର୍ମୀ ରୁକେଶ ରୋଶନ ଦାସ ଏବଂ ପ୍ରତାପ ମହାପାତ୍ର ଅନୁଗୋଳ ପୌରନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ପ୍ରସଙ୍ଗରେ ପୌରପାଳିକା ପକ୍ଷରୁ ପ୍ରାଣୀଧନ ବିଭାଗ ସହ ସମନ୍ୱୟ ସ୍ଥାପନ କରାଯାଇ ଖୁବ୍‌ଶୀଘ୍ର କୁକୁର ବନ୍ଧ୍ୟାକରଣ କେନ୍ଦ୍ର କାର୍ଯ୍ୟକ୍ଷମ ସହ ଏକ ଏନଜିଓକୁ ହସ୍ତାନ୍ତର କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ସହର ଭିତରେ ବୁଲା କୁକୁର ଯୋଗୁ ଦୈନିକ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗତ ୭ ମାସ ମଧ୍ୟରେ ୧୨୩୩ ଜଣ ଲୋକ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ଜାନୁଆରୀ ମାସରେ ୧୧୫ଜଣ କୁକୁର କାମୁଡ଼ାର ଶିକାର ହୋଇଥିବା ବେଳେ ଫେବୃଆରୀରେ ୧୫୮ଜଣ, ମାର୍ଚ୍ଚରେ ୧୧୧, ଏପ୍ରିଲରେ ୧୨୦, ମେ'ରେ ୨୨୫, ଜୁନ୍‌ରେ ୨୦୮, ଜୁଲାଇରେ ୨୯୬ ଜଣ କୁକୁର କାମୁଡ଼ାର ଶିକାର ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ସୂଚନା ମିଳିଛି।

### ୭ ମାସରେ ୧୨୩୩ ଲୋକ କୁକୁର କାମୁଡ଼ାର ଶିକାର



ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୩ ମାସର ମିଳିତ ଜନଶୁଣାଣି ତାରିଖ ନିର୍ଦ୍ଧାରଣ

ଅନୁଗୋଳ,୩୧।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଆସନ୍ତା ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମର ତାରିଖ ସ୍ଥିର କରାଯାଇଛି। ଏଥିରେ ଜିଲାପାଳଙ୍କ ସହ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେବେ। ଜାନୁଆରୀ ୬ ତାରିଖରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ସେହିପରି ସେହିମାସ ୧୩ ତାରିଖରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୨୦ ତାରିଖରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୨୭ ତାରିଖରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ଫେବୃଆରୀ ୩ ତାରିଖରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୧୦ ତାରିଖରେ ବଣ୍ଟରପାଳ ବ୍ଲକ କାର୍ଯ୍ୟାଳୟ, ୧୭ ତାରିଖରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୨୪ ତାରିଖରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିସହ ମାର୍ଚ୍ଚ ୩ ପୂର୍ବାହ୍ନ ୧୦ ଘଟିକାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୦ ତାରିଖରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୧୭ ତାରିଖରେ ବଣ୍ଟରପାଳ ବ୍ଲକ କାର୍ଯ୍ୟାଳୟ, ୨୪ ତାରିଖରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଶୁଣାଣି କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଯାଇଛି। ସେହିପରି ଅତିରିକ୍ତ ଜିଲାପାଳ (ସାଧାରଣ) ଜିଲା କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ପଣ୍ଡିତ ରାଧା ମୋହନ ତ୍ରିପାଠୀ ସମ୍ମାନିତ



ପଣ୍ଡିତ ରାଧା ମୋହନ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଉଛି।

ବଇଣ୍ଡା,୩୧।୧୨ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ପୁରାଣ ସାହିତ୍ୟର ସମୃଦ୍ଧି ପାଇଁ ଶତ ଚେଷ୍ଟିତ ଥିବା ଆଠମଲ୍ଲିକର ରାମ କଥା ବାଚକ ପଣ୍ଡିତ ରାଧା ମୋହନ ତ୍ରିପାଠୀଙ୍କୁ କୈବଲ୍ୟ ସାହିତ୍ୟ ସଂସଦ କଟକ ପକ୍ଷରୁ 'ଉତ୍କଳ ଭକ୍ତି ନୈବେଦ୍ୟ ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଛି। କଟକସ୍ଥିତ ଟାଉନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଚୀନ ପୁରାଣ ସାହିତ୍ୟରେ ସାମାଜିକ ଦର୍ଶନ ଶୀର୍ଷକ ଆଲୋଚନାଚକ୍ରରେ ଆଧ୍ୟାତ୍ମିକ ଚେତନା ଏବଂ ସାଂସ୍କୃତିକ ଗବେଷଣାତ୍ମକ ମାର୍ଗଦର୍ଶନ ଦେଇ ପଣ୍ଡିତ ରାଧା ମୋହନ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସାଧୁ ଗଦାଧର ଦାସ, ପ୍ରଫେସର ଡକ୍ଟର ଯୁଧିଷ୍ଠିର ସାହୁ ଯୋଗଦେଇ ପଣ୍ଡିତ ରାଧା ମୋହନଙ୍କୁ ସମ୍ମାନିତ କରିଥିଲେ।

# ୱାର୍ଲ୍ଡ ଚାରିଟି ଆୱାର୍ଡରେ ରମେଶ ସମ୍ମାନିତ



ରମେଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

ଆଠମଲ୍ଲିକ,୩୧।୧୨ (ଉଦୀପ୍ତ ପୁରୋହିତ)

ଭାରତ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ ନୂଆଦିଲ୍ଲୀ ତରଫରୁ ପୁରୀ ଟାଉନହଲ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଠମଲ୍ଲିକ ଅଞ୍ଚଳର ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ରମେଶ ଚନ୍ଦ୍ରଙ୍କୁ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି। ଏହି ସମ୍ମାନ ପରେ ମିଶ୍ରଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଷଣ୍ଢ, ଗୋରୁଙ୍କ ବେକରେ ଲଗାଇଲେ ରେଡିୟମ୍ ବେଲ୍ଟ

### ଦୁର୍ଘଟଣା ହ୍ରାସ ପାଇଁ ଆନିମଲ୍ ୱେଲଫେୟାର ଟ୍ରଷ୍ଟର ପ୍ରୟାସ

ଅନୁଗୋଳ,୩୧।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ଷଣ୍ଢ ଓ ବୁଲା ଗୋରୁଙ୍କ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସହର ମଧ୍ୟରେ ଏମାନଙ୍କ ଅବାଧ ଚଳପ୍ରଚଳ ଟ୍ରାଫିକ ଅବ୍ୟବସ୍ଥାର କାରଣ ମଧ୍ୟ ହେଉଛି। ଏପରି ସ୍ଥିତିକୁ ରୋକିବା ପାଇଁ ଅନୁଗୋଳର ଆନିମଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ନୂତନ ପ୍ରୟାସ ଆରମ୍ଭ ହୋଇଛି। ଟ୍ରଷ୍ଟର ସଦସ୍ୟମାନେ ଜାତୀୟ ରାଜପଥ ଓ ସହର ମଧ୍ୟରେ ବୁଲୁଥିବା ୭୦ରୁ ଉର୍ଦ୍ଧ୍ୱ ଷଣ୍ଢ ଓ ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ଲଗାଇଛନ୍ତି। ଏହି ବେଲ୍ଟ ଯୋଗୁ ରାସ୍ତାରେ ଶୋଇଥିବା ବା ଠିଆ ହୋଇଥିବା ଗୋରୁ, ଷଣ୍ଢ ଗାଡ଼ି ଚାଳକମାନଙ୍କୁ ଦୃଶ୍ୟମାନ ହୋଇପାରିବ, ଯାହା ଦୁର୍ଘଟଣାକୁ ଅନେକାଂଶରେ ହ୍ରାସ କରିପାରିବ। ତେବେ ଆହତ ବୁଲା ଗୋରୁଙ୍କ ଚିକିତ୍ସା ପାଇଁ ଏକ ଜାଗା ପ୍ରଶାସନ ତରଫରୁ ଦିଆଗଲେ ସେଠାରେ ଗୋରୁଙ୍କୁ ରଖି ଚିକିତ୍ସା କରାଯାଇପାରନ୍ତା ବୋଲି ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଉଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନାହିଁ। ଏହି କାର୍ଯ୍ୟକ୍ରମରେ ଗୋସେବକ ରୁକେଶ ରୋଶନ ଦାସ, ଦେବାଶିଷ ବେହେରା, ସୋମନାଥ ଦାଶ, ନିଖିଲ କୁମାର ଭୁକ୍ତା ଓ ପର୍ଶୁରାମ ଦାଶ ସାମିଲ ହୋଇଥିଲେ।



ଷଣ୍ଢ ଓ ବୁଲା ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ବନ୍ଧାଯାଉଛି।

# ନାଲ୍‌କୋ ଅଧିକାରୀଙ୍କ ସହ ଆଲୋଚନା

ବଣ୍ଟରପାଳ,୩୧।୧୨ (ସୁବାସ ସାହୁ)

ଅନୁଗୋଳ ନାଲ୍‌କୋନଗରସ୍ଥିତ ଶ୍ୱେତ ଅତିଥି ନିବାସ ଠାରେ ସ୍ମେଲଟର ପ୍ଲାଣ୍ଟର ଅଗ୍ରଣୀ ଶ୍ରମ ସଙ୍ଗଠନ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ ସଭାପତି ନିର୍ମଳ କୁମାର ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ନାଲ୍‌କୋ ନିର୍ଦ୍ଦେଶକ (କମର୍ସିଆଲ ବିଭାଗ) ସଦାଶିବ ସାମନ୍ତରାୟଙ୍କୁ ଭେଟି ଆଲୋଚନା କରିଛନ୍ତି। ନାଲ୍‌କୋ ସ୍ମେଲ୍ଟର ଘୋର ସଙ୍କଟ ଦେଇ ଗତି କରୁଥିବାରୁ କଞ୍ଚାମାଲର ଗୁଣବତ୍ତା ଉପରେ କର୍ମକର୍ତ୍ତାମାନେ ପ୍ରଶ୍ନ ଉଠାଇଥିଲେ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମର ଚାହିଦା ଅତି ମାତ୍ରାରେ ଥିବାବେଳେ ନାଲ୍‌କୋ ନିଜ ଉତ୍ପାଦନ ପୂର୍ବପରି ଜାରି ରଖିଲେ କମ୍ପାନୀ ଅଧିକ ଲାଭାନ୍ୱିତ ହେବ ବୋଲି ସାମଲ ନାଲ୍‌କୋ ନିର୍ଦ୍ଦେଶକ ସାମନ୍ତରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ନୂତନ ନିଯୁକ୍ତିରେ କର୍ମଚାରୀଙ୍କ ପିଲା, ଜମିହରା, ବିସ୍ଥାପିତ, ପାରିପାର୍ଶ୍ୱିକ ବେକାର ଯୁବତୀ ଯୁବକଙ୍କୁ ଅଣଦେଖା କରାଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବ ପ୍ରଚଳିତ ନିୟମ ଅନୁସାରେ ସେମାନଙ୍କୁ ଅଗ୍ରାଧିକାର ଦେବାକୁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଂଘ କାର୍ଯ୍ୟକାରୀ ସଭାପତି ବିଜନ କୁମାର ଦଳବେହେରାଙ୍କ ସହିତ ଅଶ୍ୱିନୀ ସାମଲ,ମନୋଜ ସ୍ୱାଇଁ, ସୁଧାଂଶୁ ମିଶ୍ର, ପ୍ରଭାସ ସିଂହ, ତ୍ରିନାଥ ରାଉତରାୟ, ସଞ୍ଜୀବ ଦାସ, ଉପେନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ।



ନାଲ୍‌କୋ ନିର୍ଦ୍ଦେଶକ (କମର୍ସିଆଲ)ଙ୍କୁ ସାକ୍ଷାତ କରୁଛନ୍ତି ନାଲ୍‌କୋ ଏମ୍ପ୍ଲୋଇଜ ସଂଘ କର୍ମକର୍ତ୍ତା।

# କୁକୁଟେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ବନ୍ତଳା,୩୧।୧୨ (ସୁଶୀତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ତୁମୁଣି ଗ୍ରାମରେ ଶ୍ରୀ ଶ୍ରୀ କୁକୁଟେଶ୍ୱର ମହାଦେବଙ୍କ ତ୍ରୟୋବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ୧୦୦୮ ଜଣ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ମାଟିଳିଆ ଯୋର ବିଜୟା ମଠ ନିକଟରୁ ପାଣି ଉଠାଇ ୪ କିଲୋମିଟର ଅତିକ୍ରମ କରି କୁକୁଟେଶ୍ୱର ମହାଦେବ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ରାଜା ବୀରକିଶୋର ରୁଦ୍ରନାରାୟଣ ସିଂହ ଜଗଦ୍ଦେବ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପଣ୍ଡିତ ଦୀନବନ୍ଧୁ ମିଶ୍ର, ରଞ୍ଜନ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ୨ ଦିନ ଧରି ଚାଲିବାକୁ ଥିବା ଏହି ଯଜ୍ଞରେ ନାମ ସଂକୀର୍ତ୍ତନ ଚାଲିଥିବାରୁ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ନବବର୍ଷ ଅବସରରେ ଏହି ଯଜ୍ଞରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବା କୁକୁଟେଶ୍ୱରଙ୍କ ଆଶିଷ ଲାଭ କରିବେ ବୋଲି ସୂଚନା ମିଳିଛି। ତୁମୁଣି ଗ୍ରାମବାସୀଙ୍କ ସହ ଆଖପାଖ ୧୦ ପଞ୍ଚାୟତର ଲୋକମାନେ ଏଥିରେ ସହଯୋଗ କରୁଛନ୍ତି। ଭକ୍ତମାନଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା ହୋଇଛି। ଗମନାଗମନର ସୁବିଧା ନିମନ୍ତେ ସ୍ୱତନ୍ତ୍ର ଭାବେ ଗାଡ଼ି ପାର୍କିଂ ସ୍ଥାନ, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ବିଶ୍ୱଶାନ୍ତି ମହାଯଜ୍ଞରେ ସାମିଲ ହେବାକୁ ଶତାଧିକ ବ୍ୟବସାୟୀ ଏଠାରେ ପହଞ୍ଚିଛନ୍ତି। ଏ ନେଇ କମିଟି ସଭାପତି ପ୍ରସନ୍ନ କୁମାର ସାହୁ କହିଛନ୍ତି, ୩୦ ବର୍ଷ ଧରି ବାବା କୁକୁଟେଶ୍ୱର ମହାଦେବଙ୍କ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି।

### କଳସ ଶୋଭାଯାତ୍ରାରେ ସାମିଲ ହେଲେ ୧୦୦୮ ମହିଳା



କୁକୁଟେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସଯାତ୍ରା।

